# ପୁରୀ ବିମାନବନ୍ଦର: ୧୫ ସୁଦ୍ଧା ହସ୍ତାନ୍ତର ହେବ ୯୪୦ ଏକର ଜମି

## ଜମି ଅଧିଗ୍ରହଣ ପ୍ରସଙ୍ଗ

### ୨୦ ସୁଦ୍ଧା ପ୍ରାଚୀର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୯।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରମୁଖ ପରାମର୍ଶଦାତା ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପୁରୀଠାରେ ପ୍ରସ୍ତାବିତ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦରର ଜମି ଅଧିଗ୍ରହଣ, ପ୍ରାଚୀର ନିର୍ମାଣ, ଯୋଗାଯୋଗ କରିଡ଼ର ଆଦି କାର୍ଯ୍ୟର ସମୀକ୍ଷା କରାଯାଇଛି। ଏଥିରେ ପ୍ରଥମ ଦଫାରେ ୯୪୦ ଏକର ଜମି ବାଣିଜ୍ୟ ଓ ପରିବହନ ବିଭାଗକୁ ପୁରୀ ଜିଲ୍ଲା ପ୍ରଶାସନ ଦ୍ୱାରା ଆସନ୍ତା ୧୫ ତାରିଖ ସୁଦ୍ଧା ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହ ଆବଶ୍ୟକ ଥିବା ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ଜିଲାପାଳଙ୍କ ସହ ଯୋଗାଯୋଗ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ କୁହାଯାଇଛି। ଜମି ଅଧିଗ୍ରହଣ ସଂକ୍ରାନ୍ତୀୟ ମାମଲାର ସଂଯୋଜନା ଓ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଜଣେ ବରିଷ୍ଠ ଅଧିକାରୀଙ୍କୁ ଅଧିକୃତ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରସ୍ତାବିତ ସ୍ଥାନରେ ଆସନ୍ତା ୨୦ ତାରିଖରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ୪ ମାସ ସମୟ ମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରତିନିଧି କହିଛନ୍ତି। ଆସନ୍ତା ୧୭ ତାରିଖରେ ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପୁନର୍ବାର ସମୀକ୍ଷା ବୈଠକ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଆଇଟି ବିଭାଗ ସଚିବ ମନୋଜ ମିଶ୍ର, ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଓ ଶିଳ୍ପ ବିଭାଗ ଅତିରିକ୍ତ ସଚିବ ଶୁଭେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇଛନ୍ତି।




ଅଭିନନ୍ଦନ
ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଓ ଦୀର୍ଘଜୀବନ ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛି ।
ସରୋଜିନୀ ହେମ୍ବ୍ରମ
ରାଜ୍ୟ ଉପଦେଷ୍ଟା,ପ୍ରାକ୍ତନ ମନ୍ତ୍ରୀ ତଥା ଲୋକପ୍ରିୟ ଲଢୁଆ ନାରୀନେତ୍ରୀ


ସ୍ୱନକ୍ଷତ୍ର ଶୁଭେଚ୍ଛା
ଧରିତ୍ରୀର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ୨୦ ନମ୍ବର ଜୋନର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ଧରିତ୍ରୀ ତା'ର ଆଗଭଳି ନିର୍ଭୀକତା ସମ୍ବାଦ ପରିବେଷଣ କରି ପାଠକମାନଙ୍କ ଦ୍ୱାରା ଆଦୃତ ହେଉ ।
ଶ୍ରୀଯୁକ୍ତ ଶିଶିର କୁମାର ଅଗସ୍ତି
ବାହାନଗା ବ୍ଲକ ୨୦ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ପାଳନ ଅବସରରେ ସମସ୍ତ ପାଠକ ପାଠିକାମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ବାହାନଗା ବ୍ଲକର ସମସ୍ତ ଜନସାଧାରଣମାନଙ୍କୁ ଏହି ପବିତ୍ର ଦିବସରେ ଅଭିନନ୍ଦନ ଜଣାଉଛି । ଧରିତ୍ରୀ ଆଗଭଳି ନିର୍ଭୀକ ସମ୍ବାଦ ପରିବେଷଣ କରିଚାଲୁ ।
ଶ୍ରୀଯୁକ୍ତ ଦିନାଶିଷ ବେହେରା
ସାମାଜିକ କର୍ମୀ

ସ୍ୱନକ୍ଷତ୍ର ଶୁଭେଚ୍ଛା

ବାହାନଗା ବ୍ଲକର ସମସ୍ତ ଜନସାଧାରଣମାନଙ୍କୁ ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ପାଳନ ଅବସରରେ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ । ଧରିତ୍ରୀ ଖବରକାଗଜ ଆଗଭଳି ଦାୟିତ୍ୱତା ବଜାୟ ରଖୁ । ଏତିକି କାମନା ମୋର ।
ଶ୍ରୀଯୁକ୍ତ ଅଜୟ କୁମାର ବେହେରା
ବ୍ଲକ ଅତିରିକ୍ତ ଯନ୍ତ୍ରୀ

ସ୍ୱନକ୍ଷତ୍ର ଶୁଭେଚ୍ଛା
ଧରିତ୍ରୀ ଉତ୍ତର ଓଡ଼ିଶାର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ବାହାନଗା ବ୍ଲକର ସମସ୍ତ ପାଠକ ପାଠିକା ସମେତ ଜନସାଧାରଣମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ ଜଣାଉଛି । ମହାପ୍ରଭୁଙ୍କ କୃପାରୁ ସମସ୍ତେ ଭଲରେ ରହନ୍ତୁ ଏତିକି କାମନା କରୁଛି ।
ଶ୍ରୀମତୀ ନିହାରିକା ମଲ୍ଲିକ
କନିଷ୍ଠ ଯନ୍ତ୍ରୀ, ବାହାନଗା ବ୍ଲକ

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ବାହାନଗା ବ୍ଲକର ସମସ୍ତ ଜନସାଧାରଣମାନଙ୍କୁ ଶୁଭେଚ୍ଛା ଓ ଧରିତ୍ରୀ ପାଠକ ପାଠିକାମାନଙ୍କୁ ଏହି ଅବସରରେ ଅଭିନନ୍ଦନ ଜ୍ଞାପନ ଜଣାଉଛି । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏତିକି କାମନା ମୋର ।
ଶ୍ରୀଯୁକ୍ତ ନିରଞ୍ଜନ ସାହୁ
ବାହାନଗା ବ୍ଲକ ଯୋଗାଣ ଅଧିକାରୀ

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜର ଜନ୍ମଦିନରେ ଖବରକାଗଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ଇଂ.ଅଜୟ କୁମାର ଝା
କନିଷ୍ଠ ଯନ୍ତ୍ରୀ,ପାଟଣା ବ୍ଲକ, କେନ୍ଦୁଝର

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ଖବରକାଗଜର କର୍ମକର୍ତ୍ତା ଓ ଅଗଣିତ ପାଠକଙ୍କୁ ଶୁଭେଚ୍ଛା ଜଣାଉଛି । ବଡପାଟଣା ପଞ୍ଚାୟତ ଅଞ୍ଚଳର ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଶ୍ରୀମତୀ ବିନତି ବାନରା
ବଡ଼ପାଟଣା ସରପଞ୍ଚ,ପାଟଣା ବ୍ଲକ,ଜି. କେନ୍ଦୁଝର

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀ ପରିବାରର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଉଛି । ପାଟଣା ନିର୍ବାଚନମଣ୍ଡଳୀର ଅଧିବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଇଂ.ବିନୋଦ ବିହାରୀ ନାୟକ
ରାଜ୍ୟ କଂଗ୍ରେସ ମିଡିଆ ସେଲ୍ ଉପସଭାପତି

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀ ପରିବାରର ସୁଖ ସମୃଦ୍ଧି କାମନା କରୁଛି ।
ଇଂ.ପୁରୁଷୋତ୍ତମ ସାହୁ
ସହକାରୀ ଯନ୍ତ୍ରୀ,ପାଟଣା ବ୍ଲକ,କେନ୍ଦୁଝର


ସ୍ୱନକ୍ଷତ୍ର ଶୁଭେଚ୍ଛା
ଅଂଶୁଲ ଡି କୁ ମା' ତାରିଣୀ ଆଶୀର୍ବାଦ କରନ୍ତୁ
ଜେଜେବାପା ପତିତପାବନ ନାୟକ
ସାତସିଙ୍ଗା,ଡିଡି କଲେଜ ରୋଡ,ସଦର ବ୍ଲକ,କେନ୍ଦୁଝର

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜର ଉତ୍ତର ଓଡ଼ିଶା ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସୁଖ ସମୃଦ୍ଧି କାମନା କରୁଛି ।
ଇଂ.ମନୋଜ କୁମାର ପଣ୍ଡା
କନିଷ୍ଠ ଯନ୍ତ୍ରୀ,ପାଟଣା ବ୍ଲକ,ଜି-କେନ୍ଦୁଝର

Happy Birthday Dharitri


ଉତ୍ତମ ଛାତ୍ର ଗଠନ କରିବା ଆମର ପ୍ରାଥମିକ ଲକ୍ଷ୍ୟ ।
ଅଜୟ କୁମାର ଦାଶ
ସ୍ୱତ୍ୱାଧିକାରୀ, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ, ପାଟଣା,କେନ୍ଦୁଝର

ଶୁଭେଚ୍ଛା

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଜିଲାର ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।
ରାଜଲକ୍ଷ୍ମୀ ମହାପାତ୍ର
ସଭାନେତ୍ରୀ, ମାତୃଶକ୍ତି ଫାଉଣ୍ଡେସନ, ଭଦ୍ରକ ଓ ଉପସଭାନେତ୍ରୀ, ବିଜୁ ମହିଳା ଜନତା ଦଳ, ଭଦ୍ରକ


ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜ ସ୍ୱନକ୍ଷତ୍ର ଦିବସରେ ପରିବାରର ସମସ୍ତଙ୍କୁ ଶୁଭ ଅଭିନନ୍ଦନ ।
ଗୌତମ ନାଏକ
ପୂର୍ବତନ ବ୍ଲକ ଅଧ୍ୟକ୍ଷ, ସାହାରପଡା ବ୍ଲକ,କେନ୍ଦୁଝର

ଶୁଭେଚ୍ଛା

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।
ଅଜୟ ନାୟକ
ଖଦିବୋର୍ଡର ସଭାପତି ତଥା ତ୍ୟାଗଭୂମି ମହୋତ୍ସବର ସଭାପତି, ଭଦ୍ରକ

ସ୍ୱନକ୍ଷତ୍ର ଶୁଭେଚ୍ଛା
ଧରିତ୍ରୀ ଖବରକାଗଜର ଜନ୍ମଦିନ ଅବସରରେ କେନ୍ଦୁଝର ଜିଲ୍ଲାର ଚାଷୀଭାଇମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ବୈତରଣୀ ରାଇସ ମିଲ୍‌ସ
ପାଟଣା ବ୍ଲକ,ଗୁଲୁଦୀପଶି,କେନ୍ଦୁଝର

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜର ସ୍ୱନକ୍ଷତ୍ର ଅବସରରେ ପାଟଣା ନିର୍ବାଚନମଣ୍ଡଳୀର ଭଉଣୀ ଭାଇଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ମିତ୍ରଭାନୁ ମହାନ୍ତ
କୁଡୁମି ସେନା ରାଜ୍ୟ ଉପସଭାପତି,ପାଟଣା ବ୍ଲକ, ପଞ୍ଚାୟତ-କଣ୍ଟିଆପଡ଼ା, ଗ୍ରା.ବଲାଣିପଶି,ଜି-କେନ୍ଦୁଝର

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀ ପେପରର କର୍ମକର୍ତ୍ତା ଓ ପାଠକପାଠିକାଙ୍କୁ ଶୁଭେଚ୍ଛା ଜଣାଉଛି ।
ମଦନ ମୋହନ ନାଏକ
ଥାନାଧିକାରୀ, ତୁରୁମୁଙ୍ଗା, କେନ୍ଦୁଝର


ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀ ଖବରକାଗଜ ଓ କର୍ମକର୍ତ୍ତାଙ୍କ ଉନ୍ନତି କାମନା କରୁଛି । କେନ୍ଦୁଝର ଜିଲ୍ଲାର ଭାଇଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଅଂଶୁମାନ ସବୁଜ ମହାନ୍ତ ବର୍ମା
ଜିଲ୍ଲା ବିଜେପି ସଭାପତି,ସାହାରପଡା ବ୍ଲକ, କେନ୍ଦୁଝର

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀ ପରିବାରର ସମ୍ପାଦକ ଓ କର୍ମକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ତାପସ ରଞ୍ଜନ ଦେହୁରୀ
ତହସିଲଦାର, ପାଟଣା,କେନ୍ଦୁଝର


ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ଖବରକାଗଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି । ପାଟଣା ବ୍ଲକ ଅଞ୍ଚଳର ଭାଇଭଉଣୀଙ୍କ ସର୍ବବିଧ ଉନ୍ନତି କାମନା କରୁଛି ।
ଶ୍ରୀମତୀ ସୁକାନ୍ତି ନାଏକ
ବ୍ଲକ ଅଧ୍ୟକ୍ଷା,ପାଟଣା ବ୍ଲକ,କେନ୍ଦୁଝର

ସ୍ୱନକ୍ଷତ୍ର ଶୁଭେଚ୍ଛା
ଧରିତ୍ରୀ ଉତ୍ତର ଓଡ଼ିଶାର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ ପାଠିକା ସମେତ ଜନସାଧାରଣମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ।
ବିଜୁ ଜନତା ଦଳ
ବାରିପଦା, ମୟୂରଭଞ୍ଜ

ସ୍ୱନକ୍ଷତ୍ର ଶୁଭେଚ୍ଛା
ପଲିଥିନ ଓ ପ୍ଲାଷ୍ଟିକ ଆମ ପରିବେଶ ଓ ଜଙ୍ଗଲୀ ଜୀବଜନ୍ତୁଙ୍କ ପାଇଁ ଅତ୍ୟନ୍ତ ହାନିକାରକ । ଆସନ୍ତୁ ସଭିଏଁ ମିଳିମିଶି ଶିମିଳିପାଳ ଅଭୟାରଣ୍ୟକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବା ।

ଭାନୁମିତ୍ର ଆଚାର୍ଯ୍ୟ
ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ


ଶୁଭେଚ୍ଛା

କ୍ୟାପିଟାଲ ଫାଉଣ୍ଡେସନ ସୋସାଇଟି ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରିଥିବାରୁ ପୁରୁଣା ମାଣଦ୍ରୀ ପଞ୍ଚାୟତବାସୀଙ୍କ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରି ମା' ମାହେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଶ୍ରୀମତୀ ମମତା ପାତ୍ର
ସରପଞ୍ଚ, ପୁରୁଣା ମାଣଦ୍ରୀ ଗ୍ରାମପଞ୍ଚାୟତ

ସ୍ୱନକ୍ଷତ୍ର ଶୁଭେଚ୍ଛା
WORLD HEART DAY 29 SEP | Rotary | Apollo HOSPITALS
ଧରିତ୍ରୀର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ପାଳନ ଅବସରରେ ସମସ୍ତ ପାଠକ ପାଠିକାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ସ୍ଥାନ – ୧୩ ସେପ୍ଟେମ୍ବର ଖୁଣ୍ଟା ବ୍ଲକ, ବଡପଥରା ଓ ୧୪ ସେପ୍ଟେମ୍ବର ବାରିପଦା ରୋଟାରୀ କ୍ଲବ
ବିଶ୍ୱ ହୃଦୟ ଦିବସ ଅବସରରେ ଆପୋଲୋ ହସ୍ପିଟାଲସ୍ ଏବଂ ରୋଟାରୀ କ୍ଲବ୍ ମିଳିତ ଉଦ୍ୟମରେ
ମାଗଣା ହୃଦୟ ଚିକିତ୍ସା ଶିବିର
ବାରିପଦା ରୋଟାରୀ କ୍ଲବ

See Career Appointment on every Wednesday & Saturday

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ପରଜଙ୍ଗ, ୯।୯(ଡି.ଏନ୍.ଏ.):** ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମ ଦେଉଳ ପୋଖରୀରେ ବୁଡ଼ିଯାଇ ଶୁକ୍ରବାର ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରକାଶ ମହାପାତ୍ରଙ୍କ ୩ବର୍ଷର ଝିଅ ପ୍ରିୟାଂଶୀ। ପରିବାର ଲୋକଙ୍କ କହିବା କଥା, ସକାଳୁ ନିଖୋଜ ଥିବା ପ୍ରିୟାଂଶୀଙ୍କୁ ବହୁ ଖୋଜାଖୋଜି କରିବା ପରେ ପୋଖରୀ ମଧ୍ୟରୁ ଚେତାଶୂନ୍ୟ ଅବସ୍ଥାରେ ଠାବ କରାଯାଇଥିଲା। ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି କାମାକ୍ଷାନଗର ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ବଡ଼ ହେବା ପାଇଁ ସ୍ୱପ୍ନ ଦେଖ

**ଢେଙ୍କାନାଳ ଅଫିସ, ୯।୯:** ଗଁଦିଆ ବ୍ଲକ ଯୋରନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସୁଧାଂଶୁ ଶେଖର ରାଉତ, ପୂର୍ବତନ ଛାତ୍ର ଲମ୍ବୋଦର ପରିଡ଼ା, ଆସାମସ୍ଥିତ ନିଟ୍ ଶିକ୍ଷାନୁଷ୍ଠାନର ପ୍ରାଧାପକ ତୃପ୍ତିରଞ୍ଜନ ଲେଙ୍କା, ମୋ ସ୍କୁଲ କମିଟି ସଭାପତି ସାରଙ୍ଗଧର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ଲେଙ୍କା, ସରପଞ୍ଚ ଆରତୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଠିନ ପରିଶ୍ରମ, ଗୁରୁଜନଙ୍କୁ ଭକ୍ତି କରିବା ସହ ଜୀବନରେ ବଡ଼ ହେବା ପାଇଁ ସ୍ୱପ୍ନ ଦେଖିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ରଙ୍କ ସଭାପତିତ୍ୱରେ ଶିକ୍ଷୟିତ୍ରୀ ଭାନୁମତୀ ସାହୁ, ବନଜା ସାହୁ, ସୌଦାମିନୀ ସ୍ୱାଇଁ, ଶୁଭସ୍ମିତା ସ୍ୱାଇଁ, ମଞ୍ଜୁବାଳା ବେହେରା, ଭାରତୀ ବିଶ୍ୱାଳ, ଶିକ୍ଷକ ମନୋରଞ୍ଜନ ପୁହାଣ, ପ୍ରଭା ଚନ୍ଦ୍ର ସେନାପତି, ଗଜେନ୍ଦ୍ର ମଲ୍ଲିକ, ଅକ୍ଷୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରଚାରପତ୍ର ଉନ୍ମୋଚିତ

**ଢେଙ୍କାନାଳ ଅଫିସ, ୯।୯:** ଢେଙ୍କାନାଳର ସଦର ବ୍ଲକ ତପୋବନ ମହିମା ପୀଠରେ ହେବାକୁ ଥିବା ବାର୍ଷିକ ମେଳାର ପ୍ରଚାରପତ୍ର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ବିଡିଓ ସୁଧୀର ନାୟକ, ଶ୍ରୀମଦ ରଘୁନାଥ ବାବା, କୌପିନଧାରୀ ମହିମା ସମାଜର ସହ ସମ୍ପାଦକ କରୁଣାକର ବାବା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ବାର୍ଷିକ ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ନାଗିଆପଶି ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରଚାରପତ୍ରକୁ ଉନ୍ମୋଚନ କରିଥିଲେ।

### ଗୁରୁଙ୍କୁ ମାନିଲେ ବଡ଼ ମଣିଷ ହେବ

**ଢେଙ୍କାନାଳ ଅଫିସ, ୯।୯:** ଢେଙ୍କାନାଳ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ଗୁରୁଙ୍କୁ ମାନିଲେ ଛାତ୍ରୀଛାତ୍ର ଭବିଷ୍ୟତରେ ବଡ଼ ମଣିଷ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ର କୃଷ୍ଣକୁମାର ବେହେରା ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ପୌରୋହିତ୍ୟରେ ଶିକ୍ଷକ ସୁଶୀଲ ସାହୁ, ଅଶୋକ ପ୍ରଧାନ, ଶିକ୍ଷୟିତ୍ରୀ ସରଳା ସାହୁ, କବିତା ମିଶ୍ର, ପୁରାତନ ଛାତ୍ରୀଛାତ୍ର ସୁଚିସ୍ମିତା ନାଥ, ଦେବସ୍ମିତା ନାଥ, ଅଭିଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭଙ୍ଗ ହେଉଛି ଭାଇଚାରା

■ପୌରାଞ୍ଚଳରେ ତେଜୁଛି ରାଜନୈତିକ ବିବାଦ

■ଅଶାନ୍ତ ହେଉଛି ସହରୀ ବାତାବରଣ

■ବିକାଶ କାର୍ଯ୍ୟ, ସାଂସ୍କୃତିକ ସଦ୍‌ଭାବନା ପ୍ରଭାବିତ

**ଢେଙ୍କାନାଳ ଅଫିସ, ୯।୯**

ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ନେଇ ସମୃଦ୍ଧ ଢେଙ୍କାନାଳ ସହର ରାଜନୀତିର ଜଟିଳ ଗଣିତରେ ଛନ୍ଦି ହୋଇପଡ଼ିଛି। ରାଜନୈତିକ ବିବାଦ ପାଇଁ ପୌର ନିର୍ବାଚନ ପରଠାରୁ ଅଶାନ୍ତ ହୋଇଉଠିଛି ସହରୀ ପରିବେଶ। ବିଜେଡି-ଭାଜପା ମଧ୍ୟରେ ଛକାପଞ୍ଝା ଲାଗି ରହିଥିବାବେଳେ ଏହାର ସିଧାସଳଖ ପ୍ରଭାବ ପଡୁଛି ସାମାଜିକ ଜୀବନ ଉପରେ। ଏଥିରୁ ସାଂସ୍କୃତିକ ସଦ୍‌ଭାବନା ବାଦ୍ ପଡୁ ନ ଥିବାବେଳେ ଭଙ୍ଗ ହେଉଛି ଭାଇଚାରା। ଦୁଇ ପ୍ରମୁଖ ରାଜନୈତିକ ଦଳ ଦଳୀୟ ସ୍ୱାର୍ଥ ପାଇଁ ବାରମ୍ବାର ମୁହାଁମୁହିଁ ହେବା ଏବଂ ଏହା ଦ୍ୱାରା ବିକାଶ ପ୍ରଭାବିତ ହେବା ସହରରେ ଆଲୋଚନାର ବିଷୟ ପାଲଟିଛି, ଯାହାକୁ ନାପସନ୍ଦ କରିଛନ୍ତି ସାଧାରଣଜନତା, ବୁଦ୍ଧିଜୀବୀ ଏବଂ ସାମାଜିକ ସଙ୍ଗଠନ। ସାମୂହିକ ବିକାଶ ହେଉ କି ପରମ୍ପରାର ପର୍ବ ଲକ୍ଷ୍ମୀପୂଜା ଲୋକଙ୍କ ଭାବାବେଗ ସହିତ ଜଡ଼ିତ ପ୍ରସଙ୍ଗରେ ଅତ୍ୟଧିକ ରାଜନୀତି ଠିକ୍ ନୁହେଁ ବୋଲି ସେମାନେ କହିଛନ୍ତି।

ରାଜ୍ୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ରହିଆସିଛି ଢେଙ୍କାନାଳ। ବିଶେଷ କରି ପୌରାଞ୍ଚଳ ରାଜନୀତିରେ ବିଜୟ-ପରାଜୟକୁ ପଛରେ ପକାଇ ସମସ୍ତ ରାଜନୈତିକ ଦଳ ଏକାଠି ହୋଇ କାର୍ଯ୍ୟ କରୁଥିବା ପୂର୍ବରୁ ନଜିର ରହିଛି। ତେବେ ଗତ ମାର୍ଚ୍ଚରେ ଅନୁଷ୍ଠିତ ପୌର ନିର୍ବାଚନ ପରେ ରାଜନୈତିକ ଦ୍ୱନ୍ଦ୍ୱ ଏତେ ତୀବ୍ର ହୋଇଛି ଯେ, ଏଥିରେ ଗୁରୁତ୍ୱର ଭାବେ ପ୍ରଭାବିତ ହେଉଛି ଉଭୟ ଉନ୍ନୟନ କାର୍ଯ୍ୟ ଏବଂ ସାମାଜିକ ସଦ୍‌ଭାବନା। ଏହି ବିବାଦରେ କାରଣରୁ ସାଧାରଣ ଲୋକଙ୍କୁ ପୌର କାର୍ଯ୍ୟାଳୟରୁ ନ୍ୟାୟ ମିଳୁନାହିଁ, ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

ଚଳିତ ବର୍ଷ ପୌରାଧ୍ୟକ୍ଷ ପଦବୀରେ ପ୍ରଥମ ଥର ପାଇଁ ସିଧାସଳଖ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶାସକ ବିଜେଡିର ସମସ୍ତ ରଣକୌଶଳକୁ ମାତ୍ ଦେଇ ଭାଜପା ହାତେଇଥିଲା ପୌରାଧ୍ୟକ୍ଷ ପଦବୀ। ତେବେ ମୋଟ୍ ୨୩ ୱାର୍ଡ ମଧ୍ୟରୁ ୧୪ଟିରେ ବିଜେଡି କାଉନ୍‌ସିଲର ବିଜୟୀ ହୋଇଥିଲେ। ଅବଶିଷ୍ଟ ୯ ୱାର୍ଡ ଯାଇଥିଲା ଭାଜପା ଖାତାକୁ। ଏହାପରଠାରୁ ସଂଖ୍ୟାଗରିଷ୍ଠ କାଉନ୍‌ସିଲର ଥିବା ବିଜେଡି ଏବଂ ପୌରାଧ୍ୟକ୍ଷ ପଦବୀ ଜିତିଥିବା ଭାଜପା ମଧ୍ୟରେ ଆରମ୍ଭ ହୋଇଛି କନ୍ଦଳ। ଏପରି ବାଦବିବାଦ କାରଣରୁ କୌଣସି ଗୋଟିଏ ବୈଠକ ମଧ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଜୁଲାଇ ୩୦ରେ ଭେଣ୍ଡିଂ ଜୋନ୍ ଆବଣ୍ଟନକୁ ନେଇ ପୌର ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଦୁଇ ରାଜନୈତିକ ଦଳର ସମର୍ଥକ ହାତାହାତି ହେବା ହେଉ କି ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସରେ ଫଳକ ରାଜନୀତିକୁ ନେଇ ସାନ୍ଧ୍ୟ ଉତ୍ସବ ବାତିଲ ସବୁଥିରେ ରାଜନୈତିକ କ୍ଷମତା କନ୍ଦଳ ରହିଥିବା ସ୍ପଷ୍ଟ ହୋଇଛି। ପୌର ପରିଷଦର ୭୧ବର୍ଷ ଇତିହାସରେ ପ୍ରଥମ ଥର ସାନ୍ଧ୍ୟ ଉତ୍ସବ ବାତିଲ ହେବା ଯେତିକି ଚର୍ଚ୍ଚିତ ହୋଇଥିଲା, ତା'ଠାରୁ ବେଶି ଆଲୋଚନାର ବିଷୟ ପାଲଟିଥିଲା ଜଣେ କାଉନ୍‌ସିଲରଙ୍କ ବିବାଦୀୟ ମନ୍ତବ୍ୟ ପ୍ରତିବାଦରେ ପୌର କର୍ମଚାରୀ କଲମ ଛାଡ଼ି ଦୁଇଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା। ତେବେ ଏହି ବିବାଦର ସବୁସୀମା ଟପିଯାଇଥିଲା ଗଣପର୍ବ ଲକ୍ଷ୍ମୀପୂଜାର ନୂତନ ସଭାପତି ପଦବୀ ଚୟନ ବୈଠକରେ। ପରମ୍ପରା ଅନୁଯାୟୀ ସୁନିଆ ପରଦିନ ଅର୍ଥାତ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ସୂର୍ଯ୍ୟମଣ୍ଡପରେ ଆୟୋଜିତ ବୈଠକରେ ଦୁଇ ପୂଜା ପ୍ରତିଷ୍ଠାନର ସଭାପତି ତଥା ରାଜନୈତିକ ଦଳ ସହ ସଂଶ୍ଳିଷ୍ଟ ଦୁଇଜଣ ବ୍ୟକ୍ତିଙ୍କ ନାମ ସଭାପତି ଭାବେ ଚୟନ କରିବା ଲାଗି ପ୍ରସ୍ତାବ ଆଗତ ହୋଇଥିଲା। ନିୟମ ଅନୁଯାୟୀ କେବଳ ପୂଜା ପ୍ରତିଷ୍ଠାନଗୁଡ଼ିକର ସଭାପତି ଏବଂ ସମ୍ପାଦକମାନେ ଉପସ୍ଥିତ ରହି ମିଳିତ ବଜାର ପୂଜା କମିଟି ସଭାପତିଙ୍କୁ ଚୟନ କରିବେ। ତେବେ ଏଥିରେ ଉଭୟ ଦଳର ସମର୍ଥକ ପ୍ରବେଶ କରିବାରୁ ବିବାଦ ତେଜିଥିଲା। ପରସ୍ପର ମଧ୍ୟରେ ଆକ୍ଷେପ-ପ୍ରତିଆକ୍ଷେପରୁ ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା। ଶେଷରେ ସ୍ଥିତି ଏମିତି ହୋଇଥିଲା ଯେ ସଭାପତି ଚୟନ ବିନା ବୈଠକ ବାତିଲ କରିବାକୁ ପଡ଼ିଥିଲା। ଲକ୍ଷ୍ମୀପୂଜା ଇତିହାସରେ ଏଭଳି ଘଟଣା ପ୍ରଥମ ଥର ହୋଇଥିବା ବେଳେ ଆଗାମୀ ଦିନରେ ଭାଜପା-ବିଜେଡି କଳି ପାଇଁ ସହରବାସୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଗଳିକନ୍ଦିରେ ଚର୍ଚ୍ଚା ହେଉଛି।

**ଲକ୍ଷ୍ମୀପୂଜା ରାଜନୀତିର ପ୍ଲାଟ୍‌ଫର୍ମ ନୁହେଁ**



ଲକ୍ଷ୍ମୀପୂଜା ଉତ୍ସବ କୌଣସି ରାଜନୀତିର ପ୍ଲାଟଫର୍ମ ନୁହେଁ। ଏହା ସହିତ ସହରବାସୀଙ୍କ ଭାବାବେଗ ଜଡ଼ିତ। ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଏଭଳି ବିବାଦ କରିବା ଠିକ୍ ନୁହେଁ। ରାଜନୈତିକ ଦଳର ନେତୃବୃନ୍ଦ ଏଥିପ୍ରତି ଯଥେଷ୍ଟ ସଚେତନ ହେବା ଉଚିତ।

-ନବୀନଚନ୍ଦ୍ର ନାରାୟଣ ଦାସ, ଜବାହର ଚୌକ ପୂଜା କମିଟି ସଭାପତି

**ସବୁକ୍ଷେତ୍ରରେ ରାଜନୀତି ଭାଇଚାରାକୁ ନଷ୍ଟ କରୁଛି**



ଜନପ୍ରତିନିଧିମାନେ ବିକାଶରେ ଧ୍ୟାନ ଦେବା ଉଚିତ। ହେଲେ ସବୁକ୍ଷେତ୍ରରେ ରାଜନୀତିକରଣ ଭାଇଚାରାକୁ ନଷ୍ଟ କରୁଛି। ବିଜେଡି-ଭାଜପା ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ପ୍ରତିହତ ନ ହେଲେ ଆଗାମୀ ଦିନରେ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି।

-ସୁରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ନଗରପାଳ

**ଅତ୍ୟଧିକ ରାଜନୀତୀକରଣ ଠିକ୍ ନୁହେଁ**



ଢେଙ୍କାନାଳର ଲକ୍ଷ୍ମୀପୂଜା ଭାଇଚାରା ପର୍ବ। ଏଠାରେ ଜଣେ ସାଧାରଣ ବୁଦ୍ଧିଜୀବୀ ମଧ୍ୟ ସଭାପତି ଭାବେ ଚୟନ ହୋଇଥିବାର ନଜିର ରହିଛି। କିନ୍ତୁ ଚଳିତ ଥର ନୂତନ ସଭାପତି ଚୟନ ବେଳେ ଯେଉଁ ଘଟଣା ଘଟିଲା, ତାହା ନିନ୍ଦନୀୟ। ପ୍ରତିକାର୍ଯ୍ୟରେ ଅତ୍ୟଧିକ ରାଜନୀତିକରଣ ଠିକ୍ ନୁହେଁ।

-ପ୍ରଦ୍ୟୁମ୍ନ ରଥ, ଶିକ୍ଷାବିତ୍

**ବିବାଦ ଯୋଗୁ ପରମ୍ପରା ଭଙ୍ଗ ହୋଇଛି**



ସହର ଉନ୍ନତି ପାଇଁ ଜନପ୍ରତିନିଧିଙ୍କୁ ଚୟନ କରାଯାଇଛି। କିନ୍ତୁ ରାଜନୀତିକୁ ନେଇ ହେଉଥିବା ବିବାଦ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବାଧକ ନ ସାଜୁ। ବୈଠକରେ ଦୁଇ ଦଳର ସମର୍ଥକଙ୍କ ବିବାଦ ଯୋଗୁ ପରମ୍ପରା ଭଙ୍ଗ ହୋଇଛି, ଯାହା ଦୁଃଖ ଓ ପରିତାପର ବିଷୟ।

-ବିଶ୍ୱନାଥ ବେହେରା, ମିଳିତ ବଜାର ପୂଜା କମିଟି ସଭାପତି

### ଡିଏସ୍‌ପି ଡାଲୁଆଙ୍କ ଜାମିନ ଆବେଦନ ଶୁଣାଣି ଘୁଞ୍ଚିଲା

## ନିର୍ଦ୍ଧାରିତ ଦିନରେ ସିଡୀ ଦାଖଲ କରିପାରିଲାନାହିଁ ଭିଜିଲାନ୍ସ

**ଢେଙ୍କାନାଳ ଅଫିସ, ୯।୯**

ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଥିବା ଢେଙ୍କାନାଳ ସଦର ଥାନାର ପୂର୍ବତନ ଅଧିକାରୀ ତଥା ଡିଏସ୍‌ପି ପଦବୀକୁ ପଦୋନ୍ନତି ପାଇଥିବା ଅଭିନବ ଡାଲୁଆଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୧୪ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ୯ ତାରିଖରେ ଡାଲୁଆଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରାଯିବ ବୋଲି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଦିନ ଧାର୍ଯ୍ୟ ହୋଇଥିଲା। ଏହି ସମୟରେ ଭିଜିଲାନ୍ସ ପକ୍ଷରୁ ସିଡୀ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ସିଡୀ ଦାଖଲ କରାଯାଇପାରି ନ ଥିବାବେଳେ ଏଥିଲାଗି ଅଦାଲତକୁ ଅଧିକ ୪ଦିନ ସମୟ ମଗାଯାଇଛି। ତଦନୁଯାୟୀ ଡାଲୁଆଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୧୪ ତାରିଖକୁ ଧାର୍ଯ୍ୟ କରାଯାଇଥିବା ଭିଜିଲାନ୍ସ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଦାଧର ସାହୁ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶିବସାଇ ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୩୦ରେ ସଦର ଥାନା ପ୍ରକୋଷ୍ଠରେ ଜଣେ କୋଇଲା ପରିବହନକାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଅଭିନବ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

## ଏନ୍‌ଇଇଟିରେ ଦୀପ୍ତିରଞ୍ଜନଙ୍କ କୃତିତ୍ୱ

**ଢେଙ୍କାନାଳ ଅଫିସ, ୯।୯**



ଦୀପ୍ତିରଞ୍ଜନ ସାହୁ।

ଢେଙ୍କାନାଳ ସହରର ପଦ୍ମବଜାର ଅଞ୍ଚଳର ଖବରକାଗଜ ବିକ୍ରେତା ସୁଶାନ୍ତ ସାହୁଙ୍କ ପୁଅ ଦୀପ୍ତିରଞ୍ଜନ ଚଳିତ ବର୍ଷ ଏନ୍‌ଇଇଟି ୟୁଜି-୨୦୨୨ ପ୍ରବେଶିକା ପରୀକ୍ଷାରେ ୬୫୦ ନମ୍ବର ରଖି ମେଡିକାଲ ଶିକ୍ଷା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଦୀପ୍ତିରଞ୍ଜନଙ୍କ ସଫଳତା ପଛରେ ବାପା ସୁଶାନ୍ତଙ୍କ ତ୍ୟାଗ ଲୁଚି ରହିଥିବାବେଳେ ଏହାକୁ ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି। ମେଧାବୀ ଛାତ୍ର ଦୀପ୍ତିରଞ୍ଜନ ସେଣ୍ଟ ଜାଭିୟର୍ସ ହାଇସ୍କୁଲରୁ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଇ-ଟେକ୍ ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ସେଠାରୁ କୃତିତ୍ୱର ସହ ପାସ୍ ହେବା ପରେ ଯାଜପୁରର ପ୍ରୟାସ ଏଣ୍ଟ୍ରାନ୍ସ କ୍ଲାସେସ୍‌ରେ ନିଟ୍ କୋଚିଂ ନେଉଥିଲେ। ତାଙ୍କ ସଫଳତାରେ ଏମ୍‌ପି ମହେଶ ସାହୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ସୂଚନାଯୋଗ୍ୟ, ଢେଙ୍କାନାଳ ବସ୍‌ଷ୍ଟାଣ୍ଡରେ କାଉଣ୍ଟର କରି ପ୍ରତିଦିନ ଖବରକାଗଜ ବିକ୍ରି କରନ୍ତି ସୁଶାନ୍ତ। ଏଥିସହ ସକାଳୁ ସହରର ବିଭିନ୍ନ ଗଳିକନ୍ଦିରେ ଖବରକାଗଜ ବିକିଥାଆନ୍ତି। ରୋଜଗାର କରୁଥିବା ଟଙ୍କାରେ ପୁଅ ଦୀପ୍ତିରଞ୍ଜନକୁ ପାଠପଢ଼ାଇ ଯୋଗ୍ୟ କରାଇଥିବା ସୁଶାନ୍ତ କହିଛନ୍ତି।

## ସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ ଦାବି



**ପରଜଙ୍ଗ, ୯।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ସରପଞ୍ଚଙ୍କ ପାଇଁ ସ୍ଥାୟୀ ବିଶ୍ରାମଗୃହ ବ୍ୟବସ୍ଥା କରିବା ଲାଗି ଦାବି ହୋଇଛି। ଏ ନେଇ ସରପଞ୍ଚ ସଂଘ ପକ୍ଷରୁ ଶୁକ୍ରବାର ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଖଗେଶ୍ୱର ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ବ୍ଲକ ଅଧୀନ ୨୯ ପଞ୍ଚାୟତର ସରପଞ୍ଚମାନେ ବିଭିନ୍ନ କାର୍ଯ୍ୟରେ ବ୍ଲକ ଅଫିସକୁ ଆସୁଛନ୍ତି। ତେବେ ସେମାନଙ୍କ ପାଇଁ ଏକ ବିଶ୍ରାମ ଗୃହ ନ ଥିବାରୁ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ତେଣୁ ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ଏକ ବିଶ୍ରାମ ଗୃହ ବ୍ୟବସ୍ଥା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

## ଶିକ୍ଷାର୍ଥୀଙ୍କ ପ୍ରେରଣା ଥିଲେ ଶତ୍ରୁଘ୍ନ ଭୂତିଆ

**ଢେଙ୍କାନାଳ ଅଫିସ, ୯।୯**

ଢେଙ୍କାନାଳ କଲ୍ୟାଣ ମଣ୍ଡପରେ ବିଶିଷ୍ଟ ଶିକ୍ଷାବିତ୍ ଶତ୍ରୁଘ୍ନ ଭୂତିଆଙ୍କ ଦେହାନ୍ତରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ମୁଖ୍ୟବକ୍ତା ପ୍ରଫେସର ଧନେଶ୍ୱର ସାହୁ, ପ୍ରଫେସର ଡ. ଭବାନୀ ଶଙ୍କର ମିଶ୍ର, କାଉନ୍‌ସିଲର ଅଭିମନ୍ୟୁ ପଣ୍ଡା, ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ଶତ୍ରୁଘ୍ନ ଥିଲେ ଛାତ୍ର ସମାଜ ପାଇଁ ପ୍ରେରଣାଦାୟକ ଶିକ୍ଷକ। ସେ କେବେ ପ୍ରଶଂସା କିମ୍ବା ପ୍ରତିଷ୍ଠା ପଛରେ ଗୋଡ଼ାଇ ନ ଥିଲେ। ଜଣେ ନିଷ୍ଠାପର, କର୍ତ୍ତବ୍ୟନିଷ୍ଠା ଓ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ସର୍ବତ୍ର ପରିଚିତ ଥିଲେ। ତାଙ୍କ ଦୀବଦ୍ଦଶାରେ ସେ ୧୦ ଖଣ୍ଡ ପୁସ୍ତକ ରଚନା କରିଛନ୍ତି, ଯାହା ତାଙ୍କ କୃତି ଓ କୃତିତ୍ୱକୁ ଚିର ସ୍ମରଣୀୟ କରି ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲେଖକ ସଂସଦ ସଭାପତି ଭିକାରି ଚରଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ସମ୍ପାଦକ ବସନ୍ତ ପଟ୍ଟନାୟକ, ଅବନୀ ମିଶ୍ର, ଶରତ ମିଶ୍ର, ସାରଙ୍ଗଧର ମିଶ୍ର, ପରେଶ ପଟ୍ଟନାୟକ, ବୈଜୟନ୍ତୀ ପଟ୍ଟନାୟକ, ହୃଦାନନ୍ଦ ଦ୍ୱିବେଦୀ, ଜ୍ୟୋତ୍ସ୍ନାମୟୀ ବେହେରା, ସତ୍ୟଜିତ୍ ଭୂତିଆ, ଶିବପ୍ରସାଦ ଯାଦବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବାଜି ରାଉତଙ୍କ ଉପରେ ଚିତ୍ର ପ୍ରଦର୍ଶନୀ




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୯।୯**

ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଶୁକ୍ରବାର ଢେଙ୍କାନାଳ ସୁଲକ୍ଷଣା ଦେବୀ ହାଇସ୍କୁଲରେ ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ଜୀବନୀ ଉପରେ ଚିତ୍ରକଳା ପ୍ରଦର୍ଶନୀ, ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ, ସମ୍ମାନିତ ଅତିଥି ଡିଇଓ ନିବେଦିତା ପାଣି, ଏଡିଇଓ ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

## ଡ୍ରୋନ୍‌ରେ ସିଡ୍‌ବଲ୍ ବୁଣୁଛନ୍ତି ଶୁଭ୍ରାଂଶୁ

**ଢେଙ୍କାନାଳ ଅଫିସ, ୯।୯**



ଡ୍ରୋନ୍ ସହାୟତାରେ ସିଡବଲ୍ ବୁଣୁଛନ୍ତି ଶୁଭ୍ରାଂଶୁ।

ସବୁଜ ବିକଳ୍ପ ପାଇଁ ପ୍ରୟାସ ଜାରି ରଖିଥିବା ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳର ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ ବନୀକରଣ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ଉନ୍ନତ ଜ୍ଞାନକୌଶଳ। ଜଙ୍ଗଲ ଅବକ୍ଷୟ ହୋଇଥିବା ଦୁର୍ଗମ ସ୍ଥାନରେ ସେ ଡ୍ରୋନ୍ ସହାୟତାରେ ବୁଣୁଛନ୍ତି ସିଡ୍‌ବଲ୍ (ମଞ୍ଜିଗୋଳା)। ଖୋର୍ଦ୍ଧା ଜିଲାର ବରୁଣେଇ, ଭୁବନେଶ୍ୱରର ଚନ୍ଦକା, ଢେଙ୍କାନାଳ ଜିଲାର କପିଳାସ ଓ ସପ୍ତଶଯ୍ୟା ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ସେ ଏଭଳି ଅଭିନବ ପନ୍ଥା ଆପଣାଇଛନ୍ତି। ଏଥିସହ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ କର୍ମଶାଳା ମାଧ୍ୟମରେ ସିଡ୍‌ବଲ୍ ତିଆରି କୌଶଳ ଏବଂ ଏହାର ବ୍ୟବହାର ପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ଦେଉଛନ୍ତି। ଅଦ୍ୟାବଧି ସେ ୧ ଲକ୍ଷ ସିଡ୍‌ବଲ ତିଆରି କରି ସାରିଥିବା ସୂଚନା ଦେଇଛନ୍ତି। ପରିବେଶ ସୁରକ୍ଷା ଅଭିଯାନରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଜାତିସଂଘ ପକ୍ଷରୁ ପୁରସ୍କାର ମଧ୍ୟ ମିଳିଛି।

## ଆନ୍ତଃ ବିଦ୍ୟାଳୟ ଫୁଟବଲ: ବିବି ହାଇସ୍କୁଲ ବିଜୟୀ



ପ୍ରତିଯୋଗିତାରେ ଭାଗ ନେଇଥିବା ଉଭୟ ଦଳର ଖେଳାଳି, ଅତିଥିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୯।୯**

ଢେଙ୍କାନାଳ ଜିଲା କ୍ରୀଡ଼ାସଂଘ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ୨-୦ ଗୋଲ୍‌ରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ପରାସ୍ତ କରିଛି। ଶନିବାର କେନ୍ଦ୍ରୀୟ ବିଦ୍ୟାଳୟ ଓ ମଣ୍ଟଫୋର୍ଟ ବିଦ୍ୟାଳୟ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି। ରେଫରି ସୁଶୀଲ ପଣ୍ଡା, ଅନିଲ ପ୍ରସାଦ ନନ୍ଦ, ସବ୍ୟ ପ୍ରକାଶ, ମହେନ୍ଦ୍ର ସାହୁ ଖେଳ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ବିଭାଗ ପୂର୍ବତନ ସହକାରୀ ନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି, ସମ୍ମାନିତ ଅତିଥି ବରିଷ୍ଠ କ୍ରୀଡ଼ାବିତ୍ ଜୟକୃଷ୍ଣ ପଟ୍ଟନାୟକ, ଗୌରାଙ୍ଗ ଚରଣ ସେଠୀ, ଜ୍ୟୋତିପ୍ରକାଶ ପରିଡ଼ା, ଦେବେନ୍ଦ୍ର ମୋହନ ପଟ୍ଟନାୟକ, ସଞ୍ଜୟ ଭଞ୍ଜ, ପ୍ରତାପ ମହାନ୍ତି, ଉମେଶ ଦାସ, ମନୋଜ ପଟ୍ଟନାୟକ, ଅଭିଜିତ ମିଶ୍ର, ପ୍ରେମାନନ୍ଦ ବିହାରୀ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରାଇଥିଲେ।

## ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ସମାଧାନ ପାଇଁ ଉଦ୍ୟମ

■ଖୋଳିଦିଆଯାଇଥିବା ରାସ୍ତା ମରାମତି କଲା ପୋଲିସ

■ଶାନ୍ତି ଫେରାଇ ଆଣିବାକୁ ଖୁବ୍‌ଶୀଘ୍ର ଗଢ଼ାଯିବ କମିଟି

**ଭୁବନ, ୯।୯(ଡି.ଏନ୍.ଏ.)**

ଗଣେଶ ପୂଜା ଭସାଣିକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା ଭୁବନ ଥାନା ଓଡ଼ିଶ ଗ୍ରାମରେ ସୃଷ୍ଟି ହୋଇଥିବା ସବର୍ଣ୍ଣ-ଅସବର୍ଣ୍ଣ ବିବାଦର ସମାଧାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଗ୍ରାମରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି ପୋଲିସ ପ୍ରଶାସନ ଅଣ୍ଟା ଭିଡ଼ିଛି। ସବର୍ଣ୍ଣମାନେ ଯାତାୟାତ କରୁଥିବା ରାସ୍ତାକୁ ବିପକ୍ଷ ଗୋଷ୍ଠୀ କାଟି ଦେଇଥିବାବେଳେ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଥାନାର କର୍ମଚାରୀମାନେ ଶୁକ୍ରବାର ଏହାର ମରାମତି କରିଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ଶାନ୍ତି ଫେରାଇ ଆଣିବା ଲାଗି ଖୁବ୍‌ଶୀଘ୍ର ଏକ ଶାନ୍ତି କମିଟି ଗଠନ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।



ପୋଲିସ କର୍ମଚାରୀମାନେ ରାସ୍ତା ମରାମତି କରୁଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ଅସବର୍ଣ୍ଣ ଗୋଷ୍ଠୀର ଗଣେଶ ପୂଜା ଭସାଣି ଚାଲିଥିବାବେଳେ ମେଢ଼ ଜଣେ ସବର୍ଣ୍ଣ ପରିବାରର ଘରେ ଲାଗିଯାଇଥିଲା। ତୀବ୍ର ଶବ୍ଦଯୁକ୍ତ ଡିଜେକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ଫଳରେ ୬ଜଣ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସବର୍ଣ୍ଣଙ୍କ ପକ୍ଷରୁ ନଂ. ୩୬୩/୨୨ ଏବଂ ଅସବର୍ଣ୍ଣ ଗୋଷ୍ଠୀ ତରଫରୁ ନଂ. ୩୬୫/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଉଭୟ ପକ୍ଷର ୧୦ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଇତିମଧ୍ୟରେ ଅସବର୍ଣ୍ଣ ଗୋଷ୍ଠୀ ସବର୍ଣ୍ଣମାନେ ଯାତାୟାତ କରୁଥିବା ରାସ୍ତାକୁ କାଟି ଦେଇଥିଲେ। ଏ ନେଇ ଗ୍ରାମରେ ଉତ୍ତେଜନା ବଢ଼ି ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିବାବେଳେ ଶୁକ୍ରବାର ଥାନାଧିକାରୀ ଗ୍ରାମରେ ପହଞ୍ଚି ପୃଥକ୍ ବୈଠକ କରିଛନ୍ତି। ଭାଇଚାରା ଓ ଶାନ୍ତିପୂର୍ଣ୍ଣ ବାତାବରଣ ଫେରାଇ ଆଣିବାକୁ ସମସ୍ତଙ୍କୁ ନିବେଦନ କରାଯାଇଛି। ପୋଲିସ କର୍ମଚାରୀମାନେ ରାସ୍ତା ମରାମତି କରିଛନ୍ତି। ସବର୍ଣ୍ଣ-ଅସବର୍ଣ୍ଣ ବିବାଦର ସମାଧାନ ପାଇଁ ପୋଲିସ ପ୍ରଶାସନର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା,୯।୯(ଡି.ଏନ.ଏ)- କିଶୋରନଗର ବ୍ଲକ ହଣ୍ଡପା ଥାନା ମଣ୍ଡାଆମ୍ବ ଗ୍ରାମରେ ଶୁକ୍ରବାର ବଇଣ୍ଡା ଅବକାରୀ ବିଭାଗ ଚଢ଼ାଉ କରି ମହର୍ଗା ବେହେରାଙ୍କଠାରୁ ୩୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ଘରେ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ବିଭାଗ ଅଧିକାରୀ ବଲବୀର ଗଡ଼ନାୟକ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୯।୯- ତାଳଚେର କନ୍ଧବେରିଣୀ ଅଞ୍ଚଳର ଗୋକୁଳ ସାହୁ(୫୦)ଙ୍କ ଶୁକ୍ରବାର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ କଳମଛୁଇଁ ଯାଉଥିବାବେଳେ ସମ୍ମୁଖରୁ ଦ୍ରୁତ ଗତିରେ ଆସୁଥିବା ଏକ ମୋଟରସାଇକେଲ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଭାଇବୋହୂଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୯।୯(ଡି.ଏନ.ଏ)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ଗ୍ରାମର ସୁଜାତା ରଣାଙ୍କୁ ତାଙ୍କ ଦେଢଶୁର ପ୍ରଫୁଲ୍ଲ ରଣା ମାଡ଼ ମାରିଥିବା ଶୁକ୍ରବାର ଠାକୁରଗଡ଼ ଥାନାରେ ସୁଜାତା ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୨୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସୁଜାତା ଘରେ ଥିବାବେଳେ ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କୁ ପ୍ରଫୁଲ୍ଲ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ହତ୍ୟା କରି ନଦୀରେ ଫିଙ୍ଗିଥିଲେ

- ବାବୁଲି ସାହୁ ହତ୍ୟା ଘଟଣାର ପର୍ଦ୍ଦାଫାଶ
- ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କଲା ଖମାର ପୋଲିସ
- ସହଯୋଗୀ ୩ ଅଭିଯୁକ୍ତ ଏବେବି ଫେରାର

ଖମାର, ୯।୯ (ଡି.ଏନ.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଭାଲିକି ଗ୍ରାମର ବାବୁଲି ସାହୁଙ୍କୁ କାଠରେ ପିଟି ହତ୍ୟା କରାଯାଇ ପଥର ବାନ୍ଧି ନଦୀରେ ଫିଙ୍ଗି ଦିଆଯାଇଥିଲା। ମୁଖ୍ୟ ଅଭିଯୁକ୍ତ କଣ୍ଟିଆପଶିର ଦୀପକ ପ୍ରଧାନଙ୍କୁ ଶୁକ୍ରବାର ପୋଲିସ ଗିରଫ କରିବା ପରେ ଘଟଣାର ପର୍ଦ୍ଦାଫାସ ହୋଇଛି। ତେବେ ମୃତଦେହ ଫିଙ୍ଗିବାରେ ସହଯୋଗ କରିଥିବା ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି।

ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିହାରୀ କହିଛନ୍ତି, କିଛି ଦିନ ତଳେ ବାବୁଲିଙ୍କ ବାପାଙ୍କ ସହିତ ଜମିଜମା ବିବାଦକୁ କେନ୍ଦ୍ରକରି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ଝଗଡା ହୋଇଥିଲା। ଏହି ଗଣ୍ଡଗୋଳ ବେଳେ ବାବୁଲିଙ୍କ ବାପା ଗୁରୁତର ହୋଇଥିଲେ। ତାଙ୍କୁ ଖମାର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗତ ୪ ତାରିଖ ସନ୍ଧ୍ୟାରେ ବାବୁଲି ବାପାଙ୍କ ପାଇଁ ଖାଇବା ଆଣିବାକୁ ଯାଇଥିବାବେଳେ କଲଣ୍ଡା ତାରିଣୀ ମନ୍ଦିର ନିକଟରେ ମୁଖ୍ୟ ଅଭିଯୁକ୍ତ କଣ୍ଟିଆପଶିର ଦୀପକ ତାଙ୍କୁ ଅଟକାଇ ବଚସା କରିଥିଲେ। ଏଥିରେ ବାବୁଲି ରାଗିଯାଇ ଦୀପକଙ୍କୁ ମାଡ଼ ମାରିଥିଲେ। ଉତ୍କ୍ଷିପ୍ତ ହୋଇ ଦୀପକ ପାଖରେ ପଡିଥିବା ଏକ କାଠରେ ବାବୁଲିଙ୍କ ମୁଣ୍ଡକୁ ଶକ୍ତ ପାହାର ଦେଇଥିଲେ। ଘଟଣାସ୍ଥଳରେ ବାବୁଲି ଟଳିପଡ଼ିବାରୁ ମୁଖ୍ୟ ଅଭିଯୁକ୍ତ ଦୀପକ ୩ ଜଣ ସାଙ୍ଗଙ୍କୁ ଡାକି ଏକ ସ୍କର୍ପିଓ (ନଂ. ଓଡି୦୨ବିଏସ୍–୨୧୮୬)ରେ ବାବୁଲିଙ୍କ ନେଇ ଏକ ବଡ଼ ପଥର ବାନ୍ଧି କଣିହାଁ ବ୍ଲକ ପବିତ୍ରନଗରସ୍ଥିତ ସମାକୋଇ ନଦୀରେ ଫିଙ୍ଗି ଦେଇଥିଲେ। ତେବେ ବାବୁଲି ନ ଫେରିବାରୁ ୫ ତାରିଖ ସକାଳେ ତାଙ୍କ ସ୍ତ୍ରୀ ସୁଷମା ସାହୁ ଖମାର ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଗତ ୭ ତାରିଖ ସକାଳେ କଣିହାଁ ବ୍ଲକ ଗହମସ୍ଥିତ ବ୍ରାହ୍ମଣୀ ନଦୀରୁ ପଥର ବନ୍ଧା ଅବସ୍ଥାରେ ଏକ ମୃତଦେହ ପୋଲିସ ଜବତ କରିଥିଲା। ଏହା ନିଖୋଜ ବାବୁଲିଙ୍କର ବୋଲି ଜଣାପଡ଼ିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ଅଭିଯୁକ୍ତ ଦୀପକ ଗାଁରେ ବୁଲୁଥିବା ଖବରପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ଦୀପକ ହତ୍ୟାକାଣ୍ଡ ସମ୍ପର୍କରେ ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରି କୋର୍ଟଚାଲାଣ କରିଥିଲା। ଫେରାର ରହିଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ପଢ଼ିହାରି କହିଛନ୍ତି।

## ଯାଞ୍ଚ, ଜରିମାନା ଆଦାୟ

ଅନୁଗୋଳ ଅଫିସ, ୯।୯

ଅନୁଗୋଳ ଜିଲା ବହୁମୁଖୀ ଶୃଙ୍ଖଳା କମିଟି ପକ୍ଷରୁ ଶୁକ୍ରବାର ବଣଁରପାଳ ବ୍ଲକ ନାଲ୍‌କୋ ଥାନା ଅଧୀନ କାଲଟାକ୍ସ ଛକରୁ କାଣ୍ଡସର ମଧରେ ଥିବା ବିଭିନ୍ନ ଦୋକାନ, ପେଟ୍ରୋଲ ପମ୍ପରେ ଯାଞ୍ଚ କରାଯାଇଥିଲା। ବଣଁରପାଳ ତହସିଲଦାର ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା, ଖାଦ୍ୟ ସୁରକ୍ଷା ଅଧିକାରୀ, ଅବକାରୀ ବିଭାଗ କର୍ମଚାରୀ, ନାଲ୍‌କୋ ଥାନା ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ, ଓଜନ ଓ ମାପଦଣ୍ଡ ଅଧିକାରୀଙ୍କ ସହ ଅନ୍ୟମାନେ ଏହି ଯାଞ୍ଚ କରିଥିଲେ। କାଲଟାକ୍ସ ଛକରେ ଥିବା ଏକ ମଦ ଦୋକାନ ସହ ରେଷ୍ଟୁରାଣ୍ଟରେ ଯାଞ୍ଚ କରାଯାଇଥିଲା। ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ଗ୍ରହକଙ୍କୁ ବାସୀଖାଦ୍ୟ ପ୍ରଦାନ କରୁଥିବା ଜଣାପଡ଼ିବା ପରେ ମାଲିକଙ୍କୁ ତାଗିଦ୍ ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହାପରେ କାଣ୍ଡସରରେ ଥିବା ପେଟ୍ରୋଲ ପମ୍ପରେ ଯାଞ୍ଚ କରାଯାଇଥିଲା ବୋଲି ବଣଁରପାଳ ତହସିଲଦାର ସାହୁ ସୂଚନା ଦେଇଛନ୍ତି।

## ଚୋରି ଉଦ୍ୟମ, ୩ ଗିରଫ

କଣିହାଁ,୯।୯(ଡି.ଏନ.ଏ)

କଣିହାଁ ବ୍ଲକ ସମଲ ଥାନା ଗହମ ନିତାଇଗୌର ଆଶ୍ରମ ନିକଟରେ ଥିବା ଏକ ଦୋକାନରୁ ଚୋରି ଉଦ୍ୟମ କରୁଥିବାବେଳେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସମଲ ଥାନା ଶରଧାପୁର ଗ୍ରାମର ବାସୁଦେବ ବାରିକ (୨୪), ସତ୍ୟବ୍ରତ ବାରିକ (୧୯) ଓ ତାଳଚେର ହାଟତୋଟାର ସୌରଭ ସିଂ(୨୧)। ସୂଚନା ଅନୁଯାୟୀ, ଶୁକ୍ରବାର ବଡିଭୋରରୁ ଆଶ୍ରମ ନିକଟରେ ଥିବା ପୀତାମ୍ବର ସାହୁଙ୍କ ଦୋକାନର ଶଟର ଦୁର୍ବୃତ୍ତମାନେ ଭାଙ୍ଗୁଥିବାବେଳେ ସେ ଜାଣିପାରି ପାଟି କରିବାରୁ ପାଖରେ ଥିବା ଲୋକମାନେ ଦୌଡ଼ି ଆସିଥିଲେ। ଦୁର୍ବୃତ୍ତମାନେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଲୋକମାନେ ୨ଜଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଅନ୍ୟଜଣଙ୍କୁ ପୋଲିସ କାବୁ କରିଥିଲା। ଏ ନେଇ ନଂ. ୨୬୧/୨୦୨୨ରେ ମାମଲା ରୁଜୁ ହୋଇଛି।

## କଳହ ପରେ ବିଷଖାଇ ସ୍ୱାମୀ ମୃତ

ଅନୁଗୋଳ ଅଫିସ, ୯।୯

ଦାମ୍ପତ୍ୟ କହଳକୁ ନେଇ ବିଷ ପାନ କରି ଗୁରୁତର ହୋଇଥିବା ହରେକୃଷ୍ଣ ନାଏକ(୫୦)ଙ୍କ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ଅଞ୍ଚଳର ହରେକୃଷ୍ଣ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଗତ ୬ ତାରିଖରେ ମନମାଳିନ୍ୟ ହୋଇଥିଲା। ଏହାକୁ ନେଇ ହରେକୃଷ୍ଣ କନିୟର ମଞ୍ଜି ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସେହିଦିନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶୁକ୍ରବାର ପୂର୍ବାହ୍ନରେ ମୃତ୍ୟୁ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ଖବରପାଇ ଅନୁଗୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବଇଣ୍ଡା ଛକ ଅଞ୍ଚଳ ପ୍ରତି ଅବହେଳା

**ଜିଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ**

ବଇଣ୍ଡା,୯।୯(ଡି.ଏନ.ଏ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକ ଏବେ ବହୁ ସମସ୍ୟା ଦେଇ ଗତି କରୁଛି। ହେଲେ ସମାଧାନ ହେଉ ନ ଥିବା ଯୋଗୁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଗୁରୁବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସରପଞ୍ଚ ଉଲ୍ଲେଖ କରିଛନ୍ତି, ୫୫ ନମ୍ବର ଜାତୀୟ ରାଜପଥ କଡରେ ଏହି ଛକ ପଡୁଥିବାବେଳେ ରାସ୍ତା ସମ୍ପ୍ରସାରଣ ପାଇଁ ୨୦୧୮ ମେ'ରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ୪ ବର୍ଷ ବିତିଯାଇଥିଲେ ମଧ୍ୟ ବଇଣ୍ଡା ଅଞ୍ଚଳରେ ଠିକାସଂସ୍ଥା ପକ୍ଷରୁ ମାତ୍ର ୧୦ ପ୍ରତିଶତ କାମ କରାଯାଇଛି। ୩ ଶହରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ସେମାନଙ୍କ ଜୀବିକା ହରାଇଥିବାବେଳେ ଏକ ବର୍ଷ ହେବ ଉକ୍ତ ସ୍ଥାନରେ ଅସ୍ଥାୟୀ ଦୋକାନ ଦେଇ ଜୀବିକା ନିର୍ବାହ କରୁଛନ୍ତି। ହେଲେ ସେମାନଙ୍କୁ ପୁଣି ଥରେ ଠିକାସଂସ୍ଥା ପକ୍ଷରୁ କାମ ଆରମ୍ଭ କରା ନ ଯାଇ ଉଠାଇବାକୁ ନୋଟିସ୍ ଦିଆଯାଇଛି। ଏହାକୁ ଉଠା ଦୋକାନୀମାନେ ବିରୋଧ କରିଛନ୍ତି। ସେହିପରି ଠିକାସଂସ୍ଥା ପକ୍ଷରୁ ପାନୀୟ ଜଳ ଯୋଗାଣ ପାଇପ୍ ବିଛାଯାଇ ନ ଥିବାରୁ ଲୋକେ ଠିକ୍ ଭାବେ ପାଣି ପାଇପାରୁନାହାନ୍ତି। ଚନ୍ଦନ ପୋଖରୀରେ ଗାର୍ଡ ୱାଲ ନିର୍ମାଣ କରାଯାଉ ନ ଥିବାରୁ ଆବର୍ଜନା ପାଣି ପଶି ପୋଖରୀ ଦୂଷିତ ହେବା ସହ ମାଛ ଚାଷ ହୋଇପାରୁନାହିଁ। ଯାତ୍ରୀ ବିଶ୍ରାମାଗାର, ପରିସ୍ରାଗାର ଭଙ୍ଗା ଯାଇଥିଲେ ମଧ୍ୟ ନୂତନ ନିର୍ମାଣ ହେଉନାହିଁ। ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସରପଞ୍ଚ ଦାବି କରିଛନ୍ତି।

## ଡିଜିଟାଲ ଶିକ୍ଷା ପାଇଁ ପ୍ରୋତ୍ସାହନ



ଆଠମଲ୍ଲିକ, ୯।୯ (ଡି.ଏନ.ଏ.)

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଖଣିଜ ପାଣ୍ଠିରୁ ମଞ୍ଜୁର ହୋଇଥିବା ୬ଟି କମ୍ପ୍ୟୁଟରକୁ ଶୁକ୍ରବାର ଆଠମଲ୍ଲିକ ବନ ବିଭାଗ ଅଧୀନରେ ଥିବା ବନ ସୁରକ୍ଷା ସମିତିଗୁଡ଼ିକୁ ପ୍ରଦାନ କରାଯାଇଛି। ଡିଜିଟାଲ ଶିକ୍ଷାର ବିକାଶ ପାଇଁ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଅଏଡା, ଗୋପାଳପୁର, ନୂଆଗାଁ, ଘୋଡାଗାଡି, ଗୌତମପୁର ଓ ଟସରବେଡା ବନ ସୁରକ୍ଷା ସମିତିକୁ ଏହା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡିଏଫ୍‌ଓ ଏସ. ଆନନ୍ଦ, ରେଞ୍ଜର ସନ୍ତୋଷ କୁମାର ଭୋଇ, ବନ ସୁରକ୍ଷା ସମିତି କର୍ମକର୍ତ୍ତା, ଫରେଷ୍ଟର ପୁଷ୍ପମିତ୍ରା ସିଂ, ଦୀପ୍ତି ରଞ୍ଜନ ବିଶ୍ୱାଳ, ଆଲୋକ ମିଶ୍ର ଏବଂ ବନରକ୍ଷୀ ଦୀପ୍ତିମୟୀ ଦନ୍ତା, ଅନିତା ବେହେରା, ଦାମୋଦର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବନ ବିଭାଗ ତରଫରୁ କମ୍ପ୍ୟୁଟର ପ୍ରଦାନ କରାଯାଇଥିବାରୁ ଛାତ୍ରୀଛାତ୍ରମାନେ ଖୁସିଥିବା ଦେଖାଯାଇଥିଲା।

## ମହିଳାଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା,୯।୯(ଡି.ଏନ.ଏ)

କିଶୋରନଗର ଥାନା ରଣିଆକଟା ଗ୍ରାମର ଅଞ୍ଜଳି ନାହାକଙ୍କୁ ସେହି ଗ୍ରାମର ଅଭି ସାହୁ ଟାଙ୍ଗିଆରେ ଆକ୍ରମଣ କରିଥିବା ଗୁରୁବାର କିଶୋରନଗର ଥାନାରେ ଅଞ୍ଜଳି ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୫୪/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅଭିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଅଞ୍ଜଳି ଓ ତାଙ୍କ ସ୍ୱାମୀ ବିଦେଶୀ ନାହାକ ପଡିଆକୁ ଗାଈ ନେଇଥିବା ବେଳେ ଅଭିଙ୍କ ଧାନ ବିଲରେ ପଶି କିଛି ଧାନ ଗାଈ ଖାଇଦେଇଥିଲା। ଏହାକୁ କେନ୍ଦ୍ରକରି ଏକ ଟାଙ୍ଗିଆରେ ଅଞ୍ଜଳିଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମହାରାଜା ବସ୍ ଦୁର୍ଘଟଣାର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପୋଲ ଉପରେ ୨୦୧୬ ସେପ୍ଟେମ୍ବର ୯ରେ ଘଟିଥିବା ମହାରାଜା ବସ୍ ଦୁର୍ଘଟଣାକୁ ଶୁକ୍ରବାର ୬ ବର୍ଷ ପୂରିଛି। ଏଥିରେ ପ୍ରାଣ ହରାଇଥିବା ୧୯ ଜଣଙ୍କ ଉଦ୍ଦେଶ୍ୟରେ ମାଧପୁର ଖେଳ ପଡିଆ ଠାରେ କ୍ରୀଡା ସଂସଦ ପକ୍ଷରୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



